# NATIONAL NEWS BULLETIN (ODIA)

## 11 April - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ଅଞ୍ଚଳରେ ସୃଷ୍ଟ ବିବାଦର ସମାଧାନ ଲାଗି ଆଜି ଇସ୍‌ଲାମାବାଦରେ ଆରମ୍ଭ ହେବ ଆମେରିକ-ଇରାନ ଆଲୋଚନା
- ଗଗନଯାନ ଅଭିଯାନ ପାଇଁ ଇସ୍ରୋ ପକ୍ଷରୁ ଦ୍ୱିତୀୟ ସମନ୍ୱିତ ଏୟାର ଡ୍ରପ୍ ପରୀକ୍ଷଣ ସଫଳ

–ସୁରକ୍ଷିତ ଭାବେ ପୃଥିବୀପୃଷ୍ଠକୁ ଫେରିଲେ ନାସା ଆଟେମିଷ୍ଟ-ଟୁ ଚନ୍ଦ୍ରମିଶନର ୪ ସଦସ୍ୟ

- ସମାଜ ସଂସ୍କାରକ ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜନ୍ମବାର୍ଷିକୀରେ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଦେଶ
- ଦ୍ୱିପାକ୍ଷିକ ସହଯୋଗ ଦୃଢ଼ କରିବା ଉଦ୍ଦେଶ୍ୟରେ ମରିସସ୍ ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଜୟଶଙ୍କର

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ୬ ୱିକେଟ୍‌ରେ ପରାସ୍ତ କରିଛି ରାଜସ୍ଥାନ ରୟାଲ୍‌ସ

# ୟୁଏସ୍-ଇରାନ ଟକ୍‌ସ

ପଶ୍ଚିମ ଏସିଆ ଅଞ୍ଚଳରେ ସୃଷ୍ଟ ବିବାଦର ସମାଧାନ ଲାଗି ଆଜି ପାକିସ୍ତାନର ଇସ୍ଲାମାବାଦରେ ଆମେରିକା ଓ ଇରାନ ମଧ୍ୟରେ ସିଧାସଳଖ ଆଲୋଚନା ହେବ । ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ସେଠାକାର ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ବେଳେ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ପରାମର୍ଶଦାତା ଜ୍ୟାଡ କୁଷ୍‌ନର ସାମିଲ ହୋଇଛନ୍ତି । ଇରାନ ପ୍ରତିନିଧି ଦଳର ପ୍ରତିନିଧିତ୍ୱ କରିବେ ସେଠାକାର ସଂସଦର ବାଚସ୍ପତି ମହମ୍ମଦ ବାଘେର୍ ଘାଲିବାଫ୍ ।

ଆଲୋଚନା କାଳରେ ଇରାନର ପରମାଣୁ ବିକାଶ କାର୍ଯ୍ୟକ୍ରମ, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପ୍ରସ୍ତୁତି ଏବଂ ହର୍ମୁଜ ପ୍ରଣାଳୀ ସଂପର୍କରେ ଗୁରୁତ୍ୱ ଦିଆଯିବ । ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ୨ ସପ୍ତାହ ବ୍ୟାପି ଯୁଦ୍ଧ ବିରତି ଘୋଷଣା ପରେ ଏହି ଆଲୋଚନା କରାଯିବ । ଉଭୟ ଦେଶ ମଧ୍ୟରେ ହର୍ମୁଜ ପ୍ରଣାଳୀ ଉତ୍ତେଜନା ସୃଷ୍ଟିର ପ୍ରମୁଖ କାରଣ ହୋଇ ରହିଛି । ଅନ୍ୟପକ୍ଷରେ ଇରାନ ସଂପୂର୍ଣ୍ଣ ଭାବେ ଶତ୍ରୁତା ମନୋଭାବ ପରିହାର କରିବା ସମେତ ଆମେରିକା ଦ୍ୱାରା ଦିଆଯାଇଥିବା ଅନ୍ୟ କେତେକ ପ୍ରସ୍ତାବ

ଉପରେ ଆଲୋଚନା କରିବ । ତେହେରାନ୍ ପକ୍ଷରୁ ଏକ ୧୦ସୂତ୍ରୀ କାର୍ଯ୍ୟପନ୍ଥା ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି, ଯେଉଁଥିରେ ହର୍ମୁଜ ପ୍ରଣାଳୀ ଉପରେ ଇରାନର ସଂପୂର୍ଣ୍ଣ ନିୟନ୍ତ୍ରଣ, ଉପସାଗରୀୟ ଅଞ୍ଚଳରେ ଆମେରିକାର ସାମରିକ ଭିତ୍ତିଭୂମି ପ୍ରତ୍ୟାହାର, ୟୁରାନିୟମ ଉପରେ ଅଧିକାର ଏବଂ ଇସ୍ରାଏଲ୍‌ର ଲେବାନନରେ ହେଜବୁଲ୍ଲା ଉପରେ ଆକ୍ରମଣ ବନ୍ଦ କରିବା ଭଳି ପ୍ରସଙ୍ଗ ରହିଛି ।

ଆମେରିକା ପକ୍ଷରୁ ଏହି ପ୍ରସ୍ତାବଗୁଡ଼ିକୁ ସଂପୂର୍ଣ୍ଣ ଭାବେ ଗ୍ରହଣ କରାଯାଇ ନଥିଲେ ମଧ୍ୟ ରାଷ୍ଟ୍ରପତି ଟ୍ରମ୍ପ ପ୍ରସ୍ତାବଗୁଡ଼ିକ ବୁଝାମଣା ଦିଗରେ ସହାୟକ ହେବ ବୋଲି କହିଛନ୍ତି । ପୂର୍ବରୁ ଆମେରିକା ପକ୍ଷରୁ ପରମାଣୁ ନିରସ୍ତ୍ରିକରଣ ଏବଂ କ୍ଷେପଣାସ୍ତ୍ର ଉପରେ ପ୍ରତିବନ୍ଧକ ଭଳି ୧୫ ସୂତ୍ରୀ ପ୍ରସ୍ତାବ ଦିଆଯାଇଥିଲା ।

ସୂଚନା ଅନୁଯାୟୀ ଇରାନର ପ୍ରତିନିଧି ଦଳ ଗତ ରାତିରେ ଇସ୍‌ଲାମାବାଦରେ ପହଞ୍ଚି ସାରିଛନ୍ତି । ଏହି ଦଳରେ ସୁରକ୍ଷା, ରାଜନୈତିକ, ସାମରିକ, ଅର୍ଥନୈତିକ ଏବଂ ଆଇନ କ୍ଷେତ୍ରର ଅଧିକାରୀମାନେ ସାମିଲ ହୋଇଛନ୍ତି । ଆମେରିକାର ପ୍ରତିନିଧି ଦଳର ମୁଖ୍ୟ ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ଆଜି ପାକିସ୍ତାନରେ ପହଞ୍ଚିବେ ।

## ଇସ୍ରୋ-ଗଗନଯାନ

ଭାରତୀୟ ମହାକାଶ ଗବେଷଣା ସଂଗଠନ-ଇସ୍ରୋ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାଠାରେ ଆଗାମୀ ଗଗନଯାନ ଅଭିଯାନ ପାଇଁ ଦ୍ୱିତୀୟ ସମନ୍ୱିତ ଏୟାର ଡ୍ରପ୍ ପରୀକ୍ଷଣ ସଫଳତାର ସହ ଶେଷ କରିଛି । ମହାକାଶଚାରୀମାନେ ଯେଉଁ କ୍ୟାପ୍‌ସୁଲ୍‌ରେ ଯାତ୍ରା କରିଥାନ୍ତି, ସେଥିରୁ ସୁରକ୍ଷିତ ଉଦ୍ଧାର ସୁନିଶ୍ଚିତ କରିବା ଲାଗି ଏହି ଏୟାର ଡ୍ରପ୍ ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପରୀକ୍ଷଣ ସମୟରେ ୧୦ଟି ପାରାଚୁଟ୍ ବ୍ୟବହାର କରାଯାଇ କ୍ୟାପସୁଲ୍‌ର ଗତି ହ୍ରାସ କରିବା ବ୍ୟବସ୍ଥା ନିୟନ୍ତ୍ରଣ କରାଯାଇଥିଲା । ପୂର୍ବରୁ ଗତବର୍ଷ ଅଗଷ୍ଟ ମାସ ୨୪ ତାରିଖରେ ଶ୍ରୀହରିକୋଟାର ସତୀଶ ଧାବନ ମହାକାଶ କେନ୍ଦ୍ରରେ ପ୍ରଥମ ସମନ୍ୱିତ ଏୟାର ଡ୍ରପ୍ ପ୍ରକ୍ରିୟାର ସଫଳ ପରୀକ୍ଷଣ କରାଯାଇଥିଲା । ଏକ ଚିନୁକ୍ ହେଲିକପ୍ଟର ଦ୍ୱାରା  ୪ ଦଶମିକ ୮ ଟନ୍‌ର ଏକ ମଡ୍ୟୁଲ୍‌କୁ ୩ କିଲୋମିଟର ଉଚ୍ଚତାରୁ ତଳକୁ ଖସାଇ ଦିଆଯାଇଥିଲା ।

ସୂଚନାଯୋଗ୍ୟ, ମିଶନ ବାତିଲ ହେଲେ ଏବଂ ପାରାଚୁଟ୍ ଖୋଲିବାରେ ବିଫଳ ହେଲେ ଏହି ପ୍ରକ୍ରିୟାରେ ମହାକାଶଚାରୀମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇ ପାରିବ । ଗତକାଲିର ପରୀକ୍ଷଣର ସଫଳତା ଲାଗି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଇସ୍ରୋକୁ ଶୁଭେଚ୍ଛା ଜଣାଇଛନ୍ତି । ଆସନ୍ତାବର୍ଷ ଶ୍ରୀହରିକୋଟାରୁ ଭାରତର ପ୍ରଥମ ମାନବ ମହାକାଶ ଉଡ଼ାଣ ଆରମ୍ଭ ହେବ ।

## ଆର୍ଟେମିସ-ଟୁ

ନାସାର ଆର୍ଟେମିସ୍-ଟୁ ଚନ୍ଦ୍ର ମିଶନର ୪ ଜଣ କ୍ରୁ ସଦସ୍ୟ ଆଜି ସକାଳେ ସଫଳତାର ସହ ପ୍ରଶାନ୍ତ ମହାସାଗରରେ ଅବତରଣ କରିଛନ୍ତି । କମାଣ୍ଡର ରିଡ୍ ୱିଜ୍‌ମ୍ୟାନ୍, ପାଇଲଟ୍ ଭିକ୍ଟର ଗ୍ଲୋଭର୍, କ୍ରିଷ୍ଟିନା କୋଚ୍ ଏବଂ କାନାଡାର ଜେରେମି ହାନ୍‌ସେନ୍ ଶବ୍ଦଠାରୁ ୩୩ ଗୁଣ ଅଧିକ ବେଗରେ ପୃଥିବୀପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ୧୦ଦିନିଆ ଆର୍ଟେମିସ୍ ମିଶନରେ ପ୍ରଥମ ମାନବ ଅଭିଯାନରେ ଗତ ୫୦ବର୍ଷରୁ ଅଧିକ ସମୟ ମଧ୍ୟରେ କ୍ରୁ ସଦସ୍ୟମାନେ ପୃଥିବୀଠାରୁ ସର୍ବାଧିକ ଦୂରତା ଅତିକ୍ରମ କରି ନୂଆ ରେକର୍ଡ ସ୍ଥାପନ କରିଛନ୍ତି ।

## ଜ୍ୟୋତିବା ଫୁଲେ

ସମାଜ ସଂସ୍କାରକ ଓ କର୍ମୀ ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜନ୍ମବାର୍ଷିକୀରେ ଆଜି ଦେଶ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ୧୮୨୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିବା ମହାତ୍ମା ଫୁଲେ' ତାଙ୍କ ପତ୍ନୀ ସାବିତ୍ରୀ ଫୁଲେଙ୍କ ସହ ଦେଶରୁ ଜାତିପ୍ରଥା ଏବଂ ଅସ୍ପୃଶ୍ୟତା ଦୂରୀକରଣ ପାଇଁ ଲଢ଼େଇ କରିବା ସହ ମହିଳା ଶିକ୍ଷା ଓ ସଶକ୍ତିକରଣ ଦିଗରେ ଉଦ୍ୟମ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍‌ଲା ଏବଂ ଅନ୍ୟ ସାଂସଦ ଓ ଗଣମାନ୍ୟ ବ୍ୟକ୍ତିମାନେ ସଂସଦ ଭବନ

ପରିସରରେ ପ୍ରେରଣାସ୍ଥଳରେ ଜ୍ୟୋତିବା ଫୁଲେଙ୍କ ପ୍ରତି ପୁଷ୍ପାର୍ଘ୍ୟ ଅର୍ପଣ କରିବେ। ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ  ଅନେକ ଗୁଡ଼ିଏ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଜୟଶଙ୍କର-ମରିସସ୍

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ମରିସସ୍ ଗସ୍ତ ସମୟରେ ସେଠାକାର ପ୍ରଧାନମନ୍ତ୍ରୀ ନବୀନ ରାମଗୁଲାମଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ପକ୍ଷରୁ ଡକ୍ଟର ଜୟଶଙ୍କର ମରିସସ୍‌କୁ ୨୦ଟି ବୈଦ୍ୟୁତିକ ବସ୍ ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ମନ୍ତ୍ରୀ କହିଛନ୍ତି, ଏହି ବସ୍‌ଗୁଡ଼ିକ ପରିବେଶ ଅନୁକୂଳ ଗତିଶୀଳତା ପ୍ରଦାନ କରିବା ସହ ଉଭୟ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ସବୁଜ ସହଭାଗିତାକୁ ପ୍ରତିଫଳିତ କରୁଛି ।

ଡକ୍ଟର ଜୟଶଙ୍କର ଏହି ଗସ୍ତ ଅବସରରେ ପୋର୍ଟ ଲୁଇସ୍‌ର ଜବାହରଲାଲ ନେହରୁ ହସ୍ପିଟାଲରେ ମରିସସ୍‌ର ପ୍ରଥମ ବୃକକ୍ ପ୍ରତିରୋପଣ ୟୁନିଟ୍‌ର ଉଦ୍‌ଘାଟନ୍ କରିଛନ୍ତି । ସେଠାକାର ଲୋକମାନଙ୍କ ପାଇଁ ଏହା ଏକ ଚିକିତ୍ସା ଏବଂ ମାନବୀୟ ସଫଳତା ବୋଲି ସେ କହିଛନ୍ତି । ଡକ୍ଟର ଜୟଶଙ୍କର ପୋର୍ଟ ଲୁଇସ୍‌ରେ ଆୟୋଜିତ ଦ୍ୱିତୀୟ ଭାରତ ମହାସାଗର ସମ୍ମିଳନୀରେ

ଅଂଶଗ୍ରହଣ କରି ସାମୁଦ୍ରିକ ସୁରକ୍ଷା, ଆଞ୍ଚଳିକ ସ୍ଥିରତା ଏବଂ ସ୍ଥାୟୀ ଆର୍ଥିକ ବିକାଶ ବିଷୟରେ ମତ ବିନିମୟ କରିଥିଲେ ।

## ପାକ୍-ୱେଷ୍ଟ ଏସିଆ ଟକ୍ସ

ଇସ୍‌ଲାମାବାଦରେ ଆଜି ଆରମ୍ଭ ହେବାକୁ ଥିବା ଇରାନ-ଆମେରିକା ଆଲୋଚନା ପୂର୍ବରୁ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଇରାନକୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ବାହାର ଦେଶରେ ଆଲୋଚନା ହେବାକୁ ଥିବାରୁ ଇରାନ ଏଥିରେ କୌଣସି ପ୍ରକାର ଦ୍ୱିମତ ହେବାର ଆବଶ୍ୟକତା ନାହିଁ । ଗତକାଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଉଭୟପକ୍ଷ ପାଇଁ ଏହି ଆଲୋଚନା ଏକ ପରିବର୍ତ୍ତନର ସୁଯୋଗ ସୃଷ୍ଟି କରିଛି ।

## ଲେବାନନ-ଇସ୍ରାଏଲ୍ ଟକ୍

ଇସ୍ରାଏଲ ଓ ଲେବାନନ୍ ମଧ୍ୟରେ ଆସନ୍ତା ୧୪ ତାରିଖରୁ ସିଧାସଳଖ ଆଲୋଚନା ଆରମ୍ଭ ହେବ ବୋଲି ଲେବାନନ୍ ରାଷ୍ଟ୍ରପତି ଜୋସେଫ୍ ଆଉନ୍ କହିଛନ୍ତି । ଲେବନନ ଓ ଇସ୍ରାଏଲ୍ ରାଷ୍ଟ୍ରଦୂତଙ୍କ ମଧ୍ୟରେ ଆଲୋଚନା ପରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ  ଏହି ସୂଚନା ମିଳିଛି । ବେରୁଟରେ ସିଧାସଳଖ ଆଲୋଚନା ହେବା ନେଇ ପ୍ରସ୍ତାବ ରହିଛଇ । ସଂପ୍ରତି ଇସ୍ରାଏଲ୍ ଏବଂ ହେଜବୁଲ୍ଲା ଉଗ୍ରବାଦୀ ସଂଗଠନ ମଧ୍ୟରେ ଚାଲିଥିବା ଯୁଦ୍ଧ ଶେଷ କରିବା ଉଦ୍ଦେଶ୍ୟରେ ଏହି ଆଲୋଚନା କରାଯିବ ।

ତେବେ ଯୁଦ୍ଧବିରତି ମଧ୍ୟରେ ଏହି ଆଲୋଚନା ଲାଗି ପ୍ରସ୍ତାବ ରହିଛି । ଗତକାଲି ଇସ୍ରାଏଲ୍ ଘୋଷଣା କରିଥିଲା ଯେ ଲେବାନନର ଅନୁରୋଧ ପରେ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଛି ।

## ବାଂଲାଦେଶ ଇଲେକ୍ସନ-ଓ୍ୱିମେନ୍ ସିଟ୍

ବାଂଲାଦେଶର ଜାତୀୟ ସଂସଦରେ ସଂରକ୍ଷିତ ମହିଳା ଆସନ ପାଇଁ ଆସନ୍ତାମାସ ୧୨ ତାରିଖରେ ନିର୍ବାଚନ ହେବ । ବାଂଲାଦେଶର ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ଏହି ନିର୍ବାଚନ ପାଇଁ ଚଳିତମାସ ୨୧ ତାରିଖ ସୁଦ୍ଧା ନାମାଙ୍କନପତ୍ର ଦାଖଲ କରାଯାଇ ପାରିବ । ୨୨ ଓ ୨୩ ତାରିଖରେ ଯାଞ୍ଚ କାର୍ଯ୍ୟ କରାଯିବ ।

ସୂଚନା ଅନୁଯାୟୀ ବାଂଲାଦେଶ ସଂସଦରେ ମୋଟ୍ ୩୫୦ଟି ଆସନ ରହିଥିବା ବେଳେ ସେଥିମଧ୍ୟରୁ ୩୦୦ଟି ଆସନ ପାଇଁ ସିଧାସଳଖ ନିର୍ବାଚନ ହୋଇଥାଏ । ରାଜନୈତିକ ଦଳଗୁଡ଼ିକ ଜିତିଥିବା ଆସନ ଅନୁପାତରେ ମହିଳାଙ୍କ ପାଇଁ ସଂରକ୍ଷିତ ୫୦ଟି ଆସନ ଆବଣ୍ଟନ କରାଯାଇଥାଏ । ଏହି ନିର୍ବାଚନ ପାଇଁ ଆସନ୍ତା ୨୯ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବାକୁ ଥିବା ବେଳେ ୩୦ ତାରିଖରେ ନିର୍ବାଚନ ପ୍ରତୀକ ବଣ୍ଟନ କରାଯିବ । ଚଳିତ ବାଂଲାଦେଶ ନିର୍ବାଚନରେ ବିଏନ୍‌ପି ନେତୃତ୍ୱାଧୀନ ମେଣ୍ଟ ୨୧୨ଟି ଆସନ ପାଇଥିବା ବେଳେ ଜମାତ୍ ଏ ଇସ୍‌ଲାମୀ ନେତୃତ୍ୱାଧୀନ ମେଣ୍ଟ ୭୭ଟି ଆସନରେ ବିଜୟଲାଭ କରିଥିଲା ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ୬ ୱିକେଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି । ଗୁଆହାଟୀର ବର୍ଷା ପାରା କ୍ରିକେଟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ୨୦୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ରୟାଲ୍‌ସ ମାତ୍ର ୧୮ ଓଭର୍‌ରେ ୪ ୱିକେଟ୍ ବିନିମୟରେ ବିଜୟୀ ହୋଇଛି । ରାଜସ୍ଥାନ ରୟାଲ୍‌ସ ପାଇଁ ଧ୍ରୁବ ଜୁରେଲ୍ ଅପରାଜିତ ସର୍ବାଧିକ ୮୧ ରନ୍ ସ୍କୋର କରିଥିବା ବେଳେ ବୈଭବ ସୂର୍ଯ୍ୟବଂଶୀ ୨୬ଟି ବଲ୍‌ରେ ୭୮ ରନ୍ କରିଥିଲେ । ପ୍ରଥମେ ବ୍ୟାଟିଂ କରି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରି ନିର୍ଦ୍ଧାରିତ ୨୦ ଓଭରରେ ୮ୱିକେଟ୍ ବିନିମୟରେ ୨୦୧ ରନ୍ ସ୍କୋର କରିଥିଲା ।

ଆଜି ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଖେଳାଯିବ ।। ପ୍ରଥମ ମ୍ୟାଚ୍ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ନିଉ ଚଣ୍ଡୀଗଡ଼ସ୍ଥିତ ମହାରାଜା ୟାଦବେନ୍ଦ୍ର ସିଂ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ  ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର୍‌କିଙ୍ଗ୍‌ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ।